# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ଷଷ୍ଠ ଅଧିବେଶନ

## ଗୁରୁବାର , ଫେବୃୟାରୀ ୨୫ , ୨୦୨୧

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

**ପ୍ରଶ୍ନ ସଂଖ୍ୟା - ୩୦**

**( ଜଳ ସମ୍ପଦ,ଯୋଜନା ଓ ସଂଯୋଜନ,ପର୍ଯ୍ୟଟନ,ସୂଚନା ଓ ଲୋକ ସମ୍ପର୍କ,ବାଣିଜ୍ୟ,ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି,ପରିବହନ )**

### CWC ଠାରେ ଥିବା ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ

***୧୫୧ . ଶ୍ରୀ ଭୂପିନ୍ଦର ସିଂହ :** ଜଳ ସମ୍ପଦ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କେଉଁ କେଉଁ ବୃହତ୍ତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ CWC ଠାରେ ପଡି ରହିଛି ତାର ନାମ ସହିତ ଜଣାଇବେ କି, ରାହୁଲ, ଭଣ୍ଡେଇ ଓ ଉଦନ୍ତୀ ନଦୀର tender କାର୍ଯ୍ୟଠାରୁ ଡାକିବା ପାଇଁ ସ୍ଥିର ହୋଇଅଛି ?

### ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟବୋର୍ଡ ଦ୍ଵାରା ଅନୁମୋଦନ

***୧୫୨ . ଶ୍ରୀ ମୋହନ ଚରଣ ମାଝୀ :** ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଓଡିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ 2015ର ନିୟମ 5 ଅନୁଯାୟୀ କେନ୍ଦୁଝର ଜିଲ୍ଲାର 2019 2020 ବର୍ଷରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟବୋର୍ଡ ଦ୍ଵାରା ବାର୍ଷିକ ବଜେଟ୍, ଆକ୍ସନ ପ୍ଲାନ, ପ୍ରସପେକଟିଭ ପ୍ଲାନ, ମାଷ୍ଟର ପ୍ଲାନ ଏବଂ ସମୀକ୍ଷକ(ଅଡିଟର) ନିଯୁକ୍ତି ଓ ବାର୍ଷିକ ବିବରଣୀକୁ ଅନୁମୋଦନ କରାଯାଇଛିକି, ଯଦି କରାଯାଇନାହିଁ କେଉଁ କାରଣରୁ କରାଯାଇନାହିଁ ଏବଂ ଏଥିପାଇଁ କାହାକୁ ଉତ୍ତରଦାୟୀ କରାଯିବ, 2019 2020 ବର୍ଷରେ କେଉଁ ବ୍ଲକ ଓ ପୌରାଞ୍ଚଳରେ ଉଚ୍ଚ ଅଗ୍ରାଧିକାର ଓ ଅନ୍ୟ ଅଗ୍ରାଧିକାର କ୍ଷେତ୍ରରେ କେତେ ବ୍ୟୟ ଅଟ୍ଟକଳର କେତେଗୋଟି ପ୍ରକଳ୍ପକୁ ଟ୍ରଷ୍ଟବୋର୍ଡର ବିନା ଅନୁମୋଦନରେ କାର୍ଯ୍ୟକାରୀ କରାଯାଇଛି, (ଖ) କେନ୍ଦୁଝର ଜିଲ୍ଲା

ଖଣିଜ ପ୍ରତିଷ୍ଠାନ ଦ୍ୱାରା ଓଡିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ 2015ରେ ଥିବା କେଉଁ କେଉଁ ନିୟମକୁ ଉଲଂଘନ କରାଯାଇଛି ଏବଂ କେଉଁ କେଉଁ କାର୍ଯ୍ୟ ନିୟମ ଅନୁଯାୟୀ କରାଯାଇନାହିଁ, କେଉଁ ନିୟମ ଉଲ୍ଲଘଂନ ପାଇଁ କାହାକୁ ନିର୍ଦ୍ଦିଷ୍ଟଭାବେ ଉତ୍ତରଦାୟୀ କରାଯାଇଛି?

## ଭୀମକୁଣ୍ଡଠାରେ ପ୍ରସ୍ତାବିତ Rope-way ସ୍ଥିତି

***୧୫୩ . ଶ୍ରୀ ବଦ୍ରୀ ନାରାୟଣ ପାତ୍ର :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କେନ୍ଦୁଝର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡଠାରେ ପ୍ରସ୍ତାବିତ Rope-wayପରିଯୋଜନାର ବର୍ତ୍ତମାନର ସ୍ଥିତି କଣ ; ଏଥିପାଇଁ କେତେ ଅର୍ଥ ବ୍ୟୟବରାଦ ହୋଇଛି; ଏହି ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ କୌଣସି ଟେଣ୍ଡର ଆହ୍ୱାନ କରାଯାଇଛି କି ?

## ପ୍ରତ୍ୟେକ ବ୍ଲକରେ ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା

***୧୫୪ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର କେଉଁ ଜିଲ୍ଲାର କେଉଁ ବ୍ଲକରେ ଅଦ୍ୟାବଧି ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ହୋଇନାହିଁ ପ୍ରକାଶ କରି ପ୍ରତ୍ୟେକ ବ୍ଲକରେ ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି?

## ଡ଼ଙ୍ଗାମାନଙ୍କର ଫିଟନେସ ଯାଞ୍ଚ

***୧୫୫ . ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ :** ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଚିଲିକା ହ୍ରଦ ପଶ୍ଚିମ ଉପକୂଳ ବାଲୁଗାଁ ବଡ଼କୂଳ ଜେଟିରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ନଳବଣ ପକ୍ଷୀ ଅଭୟାରଣ୍ୟ କାଳିଜାଇ ମନ୍ଦିର ଆଦି ଚିଲିକାର ବିଭିନ୍ନ ସ୍ଥାନକୁ ଡ଼ଙ୍ଗାରେ ଯାତ୍ରା କରୁଛନ୍ତି, ସେମାନଙ୍କର ସୁରକ୍ଷା ପାଇଁ ଡ଼ଙ୍ଗା ମାନଙ୍କର ଫିଟନେସ ତନଖି କରି ଲାଇସେନ୍ସ ଦେବା, ଡ଼ଙ୍ଗାର ଇନସୁରାନ୍ସ କରିବା ଆଦି ଯାତ୍ରୀ ସୁରକ୍ଷାକୁ ନିଶ୍ଚିତ କରାଯିବା ପାଇଁ ଜଣେ ସ୍ଥାୟୀ ମେକାନିକାଲ ଇଞ୍ଜିନିୟରଙ୍କୁ ବାଲୁଗାଁ ଓ ବଡ଼କୁଳ ପାଇଁ ନିଯୁକ୍ତି ଦେବେ କି ?

## ଓଡିଆ ଭାଷାର ବିକାଶ ପାଇଁ ପଦକ୍ଷେପ

***୧୫୬ . ଶ୍ରୀ ଅମର ପ୍ରସାଦ ଶତପଥୀ :** ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଦେଶରେ କେଉଁ କେଉଁ ଭାଷାଗୁଡିକ ଅସ୍ଥାୟୀ ମାନ୍ୟତା ପାଇଅଛି ଓ ଓଡିଆ ଭାଷାର ବିକାଶ ଓ ଏହାର ବହୁଳ ବ୍ୟବହାର ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି, (ଖ) ଓଡିଆ ଭାଷା ପ୍ରତିଷ୍ଠାନର ସାମର୍ଥ୍ୟ ବୃଦ୍ଧି କରି ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେବେ କି ?

## ଆନନ୍ଦପୁରକୁ Railway Connectivity

***୧୫୭ . ଶ୍ରୀ ଭାଗିରଥୀ ସେଠୀ :** ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିଲେ ହେଁ ଏ ପର୍ଯ୍ୟନ୍ତ ରେଳବାଇକୁ ସ୍ପର୍ଶ କରିନଥିବାରୁ ସାଧାରଣ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି; ଆନନ୍ଦପୁରକୁ Railway connectivity ଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି କି; ଏଥିପାଇଁ ରାଜ୍ୟ ସରକାର ତାଙ୍କ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରିବେ କି ?

## ଜମିକୁ ଜଳସେଚନ ପାଇଁ ପ୍ରସ୍ତାବ

***୧୫୮ . ଶ୍ରୀ ସୁରେଶ କୁମାର ରାଉତରାୟ :** ଜଳ ସମ୍ପଦ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସରକାର କେତେ ଜମିକୁ ଜଳସେଚିତ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି; ମହାନଦୀ ଜଳ ବିବାଦ ନିର୍ଦ୍ଦିଷ୍ଟ ଭାବେ କେବେ ସରିବ; ରାଜ୍ୟରେ ବିଭିନ୍ନ ନଦୀରେ ଜଳ ପ୍ରକଳ୍ପର ଆବଶ୍ୟକଥିବା ସ୍ଥଳେ ସରକାର ଉକ୍ତ ସବୁ ବିଷୟରେ କ'ଣ ପଦକ୍ଷେପ ନେଉଛନ୍ତି ଜଣାଇବେ କି ?

## OMBADC ପାଣ୍ଠିର ଅର୍ଥ ହସ୍ତାନ୍ତର

***୧୫୯ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବେଆଇନ ଖଣି କାର୍ଯ୍ୟକଳାପ ମାମଲା ( WP. 114 / 2014 ) ରାୟ ଅନୁଯାୟୀ ଖଣି କ୍ଷତିଗ୍ରସ୍ତ ଅଞ୍ଚଳର ବିକାଶ ଲକ୍ଷ୍ୟରେ ଗଠିତ S.P.V. ପାଣ୍ଠିକୁ ଅନ୍ୟତ୍ର ବିନିଯୋଗ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତରିତ କରାଯାଇ ପାରିବ

ନାହିଁ ବୋଲି ସୁପ୍ରିମ କୋର୍ଟ ସ୍ପଷ୍ଟ କରିଥିଲେ ପୁନଶ୍ଚ ବିଶେଷ ପରିସ୍ଥିତିରେ ରାଜ୍ୟ ମହାଲେଖାଗାର (AG) ଓ କେନ୍ଦ୍ର CAG ଙ୍କ ପରାମର୍ଶକ୍ରମେ ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ପରିଷଦ ( OMBADC) ର ଯୋଜନା ଅଟକଳ ପରେ ବଳକା ରହୁଥିବା ଅର୍ଥର 60 % ରାଜ୍ୟ ସରକାରଙ୍କୁ ସର୍ତ୍ତଭିତ୍ତିକ ଋଣ ଆକାରରେ ଦିଆଯାଇ ପାରିବ ବୋଲି ତଦାରଖ କର୍ତ୍ତୃପକ୍ଷ ( OA) ଜଷ୍ଟିସ ଏକେ, ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ ଏହା ସତ୍ତ୍ୱେ ( OMBADC) ପାଣ୍ଠିରେ ଗଚ୍ଛିତ ମୋଟ ଅର୍ଥର 99 .4% ( 16.526 କୋଟି ଟଙ୍କା ) ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ହେବା କୋର୍ଟ ଅବମାନନା ନୁହେଁ?

## ପର୍ଯ୍ୟଟନ ସ୍ଥଳୀର ବିକାଶ ନିମନ୍ତେ ଅନୁଦାନର ବ୍ୟବସ୍ଥା

***୧୬୦ . ଶ୍ରୀ ଭାସ୍କର ମଢେଇ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ୨୦୨୦-୨୧ ଆର୍ଥିକ ବର୍ଷରେ ଓଡିଶାର କେଉଁ କେଉଁ ପର୍ଯ୍ୟଟନ ସ୍ଥଳୀର ବିକାଶ ନିମିତ୍ତ କେତେ ଟଙ୍କାର ଅନୁଦାନ ବ୍ୟବସ୍ଥା କରାଯାଇଅଛି ଏବଂ ଯଦି କରାଯାଇନାହିଁ କେବେ ବ୍ୟବସ୍ଥା ଗ୍ରହଣ କରାଯିବ ଜଣାଇବେ କି; ଉଦଳା ନିର୍ବାଚନ ମଣ୍ଡଳୀର ଦେବକୁଣ୍ଡ ଏବଂ ସମୀବୃକ୍ଷ ପର୍ଯ୍ୟଟନ ସ୍ଥଳୀର ଉନ୍ନତି କରିବା ନିମିତ୍ତ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ଦୁଇଗୋଟି ପର୍ଯ୍ୟଟନ ସ୍ଥଳୀର ବିକାଶ ନିମିତ୍ତ କେତେ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯିବା ନିମିତ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଅଛି ଉତ୍ତର ରଖିବେ କି ?

## ଗ୍ରନ୍ଥାଗାର ସୂଚନା ବିଜ୍ଞାନ ତାଲିମପ୍ରାପ୍ତ ଗ୍ରନ୍ଥାଗାରିକ ନିୟୋଜନ

***୧୬୧ . ଶ୍ରୀ ମୌଷଧି ବାଗ୍ :** ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର ସୂଚନାକେନ୍ଦ୍ର ଓ ପାଠାଗାରମାନଙ୍କରେ କ୍ଲର୍କ ଲାଇବ୍ରେରୀୟାନ ବଦଳରେ ଗ୍ରନ୍ଥାଗାର ସୂଚନା ବିଜ୍ଞାନ ତାଲିମପ୍ରାପ୍ତ ଗ୍ରନ୍ଥାଗାରିକ ନିୟୋଜନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## Inland Water Way ସ୍ଥାପନ ପାଇଁ ଯୋଜନା

***୧୬୨ . ଶ୍ରୀ ପ୍ରତାପ କେଶରୀ ଦେବ :** ବାଣିଜ୍ୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

କେନ୍ଦ୍ର ସରକାର ଦ୍ୱାରା ଖରସ୍ରୋତା ନଦୀରେ Inland Water Way ସ୍ଥାପନ କରିବାର ଯୋଜନା ଅଛି କି, ଏହି ପ୍ରକଳ୍ପ ଉପରେ କୌଣସି କାମ ହୋଇଥିବା ସରକାରଙ୍କ ନଜରରେ ଅଛି କି, ଯଦି 'ହଁ' ତେବେ ଏହି କାମର ବ୍ୟୟ ଅଟକଳର ମୂଲ୍ୟ କେତେ, ଏବଂ କେଉଁ ଠାରୁ କେଉଁ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଛି, ଏହି ପ୍ରକଳ୍ପକୁ ପର୍ଯ୍ୟାୟବରଣ ମଞ୍ଜୁରୀ ମିଳିଛି କି ?

**Repair work to old mandira at Nilgiri**

***163 . Shri Sukanta Kumar Nayak :** Will the minister for Odia Language, Literature & Culture be pleased to state that :- there exists good no of ancient structures like Gouranga Mandir and Kuspandeswar Mandira in Nilgiri where details are being worshiped, the structures are age old at least 200 years, will the Govt. be taken up repair works to save from ruins ?

**ପ୍ରଚଳିତ OSRTC ବସ ସଂଖ୍ୟା**

***୧୬୪ . ଶ୍ରୀ ପ୍ରଫୁଲ୍ଲ ସାମଲ :** ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର କେତୋଟି ରାସ୍ତାରେ ଓଡିଶା ରାଜ୍ୟ ପରିବହନ ନିଗମର ବସ ଚଳ ପ୍ରଚଳ କରୁଛି ଓ ତାର ସମୁଦାୟ ସଂଖ୍ୟା କେତେ, ଉକ୍ତ ବସ ପରିଚାଳନାରେ କିଲୋମିଟର ପ୍ରତି କେତେ ଆୟ ବ୍ୟୟ ହେଉଛି, OSRTC ଦ୍ୱାରା ଚାଲୁଥିବା ବସ ମଧ୍ୟରୁ କେତୋଟି Supper Delux, କେତୋଟି Delux, କେତୋଟି Express, କେତୋଟି Passanger Bus ଅନ୍ତର୍ଭୁକ୍ତ ତନ୍ମଧ୍ୟରୁ କେଉଁ Category Bus Service ରେ ଯାତାୟତ କରିବା ପାଇଁ ଯାତ୍ରୀ ପସନ୍ଦ କରୁଛନ୍ତି କହିବେ କି, କେତୋଟି inter-state ବସ ଦୈନିକ ଚଳ ପ୍ରଚଳ କରୁଛି, ତନ୍ମଧ୍ୟରୁ OSRTC ର କେତୋଟି inter-state ବସରେ ଯାତ୍ରୀଙ୍କ ପାଇଁ ଅଧିକ ସୁବିଧା କଣ ରଖାଯାଇଛି, OSRTC ର ବିଭିନ୍ନ ବର୍ଗର କର୍ମଚାରୀମାନଙ୍କୁ uniform ଦେବାକୁ ନିଷ୍ପତ୍ତି ନେଇଛନ୍ତି କି, ବିଭିନ୍ନ ବର୍ଗର ମୋଟ କର୍ମଚାରୀଙ୍କ ସଂଖ୍ୟା କେତେ ?

**ଚାଷଜମିକୁ ଜଳସେଚନ ବ୍ୟବସ୍ଥା**

***୧୬୫ . ଶ୍ରୀ ନରସିଂହ ମିଶ୍ର :** ଜଳ ସମ୍ପଦ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-

ରାଜ୍ୟରେ କେତେ ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି, ତାହା ମୋଟ ଚାଷଜମିର କେତେଶତାଂଶ, ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି; 2010 ରୁ 2020 ମସିହା ପର୍ଯ୍ୟନ୍ତ କେଉଁ ଉତ୍ସ ପ୍ରକଳ୍ପରୁ କେତେ ଜମିକୁ ଜଳସେଚନ ବ୍ୟବସ୍ଥା କରିଛନ୍ତି, ତାର ବର୍ଷୱାରୀ ସବିଶେଷ ବିବରଣୀ ସହ ବର୍ଷୱରୀ ଅନୁଦାନ ଓ ଖର୍ଚ୍ଚର ତଥ୍ୟ ପ୍ରଦାନ କରିବେ କି ?

## କୋଭିଡ ବେଳେ ଜିଡିପି ବୃଦ୍ଧି ପାଇଁ ଯୋଜନା

***୧୬୬ . ଶ୍ରୀ ଅଶ୍ୱିନୀ କୁମାର ପାତ୍ର :** ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କୋଭିଡ୍ ପରିସ୍ଥିରେ ଜିଡିପି ବୃଦ୍ଧି ପାଇଁ ଯୋଜନାକୁ କିପରି ପରିଚାଳିତ କରାଯାଉଛି ଏବଂ ଆଗାମୀ ପ୍ରସ୍ତୁତି କଣ ଯାହା ନୂଆ ଆର୍ଥିକ ବର୍ଷକୁ ବାଟ ଦେଖାଇବ ?

## ତାଳସରୀ-ଉଦୟପୁର ବେଳାଭୂମିକୁ ବିଶ୍ୱ ସ୍ତରୀୟ ବେଳାଭୂମି ରେ ପରିଣତ

***୧୬୭ . ଶ୍ରୀ ଅନନ୍ତ ଦାସ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ତାଳସାରୀ-ଉଦୟପୁର ବେଳା ଭୂମିକୁ ବିଶ୍ୱସ୍ତରୀୟ ବେଳାଭୂମି ରେ ପରିଣତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଳ୍ପ ଦିନ ପୂର୍ବେ ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ନ ହେବାର କାରଣ କଣ ଏହି ପ୍ରକଳ୍ପ Report କିଏ ପ୍ରସ୍ତୁତ କରୁଛନ୍ତି ଏବଂ କେଉଁ ସଂସ୍ଥା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ନିର୍ମାଣ କରାଯିବ ତାହା ଜଣାଇବେ କି ?

## ଲୋକ କଲ୍ୟାଣ ଧର୍ମୀ ଯୋଜନାକୁ ଜନସାଧାରଣଙ୍କୁ ଅବଗତ ପାଇଁ ପଦକ୍ଷେପ

***୧୬୮ . ଶ୍ରୀ ସୁଧୀର କୁମାର ସାମଲ :** ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସରକାରଙ୍କ ଲୋକ କଲ୍ୟାଣ ଧର୍ମୀ ଯୋଜନାକୁ Mobile SMS, Whatsapp ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

## ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ କଳାକାର ଉପକୃତ

***୧୬୯ . ଶ୍ମୋହମ୍ମଦ ମୋକ୍ୟୁମ :** ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ କଟକ ଜିଲ୍ଲାରୁ ଓ ରାଜ୍ୟରୁ କେତେ କଳାକାର 2019-20 ବର୍ଷରେ ଉପକୃତ ହୋଇଛନ୍ତି, 1 ଏପ୍ରିଲ୍ 2020 ଠାରୁ 31 ଡିସେମ୍ବର 2021 ମଧ୍ୟରେ ରାଜ୍ୟରେ କେତେ କଳାକାର ନୂଆ ଭାବେ ଏହି ଯୋଜନାରେ ଯୋଡି ହୋଇଛନ୍ତି ?

**ରାଜନଗରଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ**

***୧୭୦ . ଶ୍ରୀ ଧ୍ରୁବ ଚରଣ ସାହୁ :** ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେଉଁ କେଉଁ ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବା ସରକାରଙ୍କ ଯୋଜନା ରହିଛି , କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରଠାରେ ଏକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସରକାର ଅର୍ଥ ମଞ୍ଜୁର କରିବାସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ କି ?

**ଅଚଳ ଉଠା ଜଳସେଚନ ପ୍ରକଳ୍ପ ସଚଳ ପାଇଁ ପଦକ୍ଷେପ**

***୧୭୧ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଜଳ ସମ୍ପଦ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେତେଗୋଟି ଉଠା ଜଳସେଚନ ପ୍ରକଳ୍ପ ଅଚଳ ଅବସ୍ଥାରେ ଅଛି ଏହାକୁ କାର୍ଯ୍ୟକ୍ଷମ ପୂର୍ବକ ଜଳସେଚନ ବ୍ୟବସ୍ଥା ସମ୍ପାଦନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

**Biju K.B.K. ଯୋଜନାରେ ଅର୍ଥ ମଞ୍ଜୁର**

***୧୭୨ . ଶ୍ରୀ ନିତ୍ୟାନନ୍ଦ ଗଣ୍ଡ :** ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) 2019-20 ଆର୍ଥିକ ବର୍ଷରେ Biju K.B.K. ଯୋଜନାରେ ନବରଙ୍ଗପୁର ଜିଲ୍ଲାକୁ କେତେ ଅର୍ଥ ମଞ୍ଜୁର ହୋଇଥିଲା ଉକ୍ତ ଅର୍ଥ ଜିଲ୍ଲା ଯୋଜନା ବୋର୍ଡ଼ର ଅନୁମୋଦନକ୍ରମେ ନିର୍ବାଚନ ମଣ୍ଡଳୀୱାରୀ ବଣ୍ଟନ ହୋଇଛି କି ; ଯଦି ହୋଇନାହିଁ ତେବେ ଏହାର କାରଣ କଣ; (ଖ) ଜିଲ୍ଲା ଯୋଜନା ବୋର୍ଡ଼ରେ ଉମରକୋଟ ନିର୍ବାଚନ ମଣ୍ଡଳୀର ଅନୁମୋଦିତ Project Proposal ମଧ୍ୟରୁ କେତୋଟି Project Proposal କୁ ରାଜ୍ୟଯୋଜନା ବୋର୍ଡ଼ ଅନୁମୋଦନ କରିଛି ଓ

କେଉଁ କେଉଁ Project Proposal କୁ କାଟିଦିଆଯାଇଛି ଏହାର ସବିଶେଷ ବିବରଣୀ ଦେବେ କି ?

## ନୂତନ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା

***୧୭୩ . ଶ୍ରୀ ବିଷ୍ଣୁ ଚରଣ ସେଠି :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଐତିହାସିକ ଖ୍ୟାତି ବହନ କରୁଥିବା ଡିଗି ପୋଖରୀ (ପଦ୍ମ ପୋଖରୀ) ର ପୁନରୁଦ୍ଧାର କରିବା ସଙ୍ଗେ ସଙ୍ଗେ ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ସରକାର ପ୍ରଯତ୍ନ କରିବେ କି ?

## ଅତ୍ୟାଧୁନିକ ସମ୍ପ୍ରସାରିତ ପ୍ରେକ୍ଷାଳୟ ପ୍ରତିଷ୍ଠା

***୧୭୪ . ଶ୍ରୀ ସଞ୍ଜିବ କୁମାର ମଲ୍ଲିକ :** ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଭୁବନେଶ୍ୱର ଜୟଦେବ ଭବନ ଢାଞ୍ଚାରେ ଭଦ୍ରକଠାରେ ଏକ ଅତ୍ୟାଧୁନିକ ସମ୍ପ୍ରସାରିତ ପ୍ରେକ୍ଷାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

## ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ

***୧୭୫ . ଶ୍ରୀ ସୂର୍ଯ୍ୟମଣି ବୈଦ୍ୟ :** ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତି ରାଜଧାନୀ ଭୂବନେଶ୍ୱରରେ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ଥାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି

## All India Contract Carriage permit ପାଇଥିବା ବସର ସଂଖ୍ୟା

***୧୭୬ . ଶ୍ରୀ ନବ ଚରଣ ମାଝି :** ପରିବହନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ କେତେଗୋଟି ବସକୁ All India Contract Carriage permit ପ୍ରଦାନ କରାଯାଇଛି, ସେଥିମଧ୍ୟରୁ କେତେ ସଂଖ୍ୟକ ବସ ନିର୍ଦ୍ଦିଷ୍ଟଭାବେ ପର୍ଯ୍ୟଟନ କ୍ଷେତ୍ରରେ ନିୟୋଜିତ ହୋଇଛି, ଅବଶିଷ୍ଟ ବସଗୁଡିକ କିପରି ଭାବରେ ନିୟୋଜିତ ହୋଇଛନ୍ତି, ଓଡିଶାର କେଉଁ କେଉଁ ପଡୋଶୀ ରାଜ୍ୟ ସହିତ ବସ ଚଳାଚଳ ପାଇଁ

Reciprocal Arrangement Agreement ହୋଇଛି, (ଖ) ରାଜ୍ୟ ମଧ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ଅସ୍ଥାୟୀ ପରମିଟ୍ ପାଇବାକୁ କେତେ ଦିନ ଲାଗେ, ଏଥିପାଇଁ ଆବେଦନ କରିବା ଦିନଠାରୁ ପରମିଟ୍ ମିଳିବା ପାଇଁ କିଛି ସମୟସୀମା ଧାର୍ଯ୍ୟ କରାଯାଇଛିକି?

## Mega Lift Point ଦ୍ୱାରା ଜଳସେଚନ

***୧୭୭ . ଶ୍ରୀ ମୁକେଶ ମହାଲିଙ୍ଗ :** ଜଳ ସମ୍ପଦ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଲୋଇସିଂହା ନିର୍ବାଚନମଣ୍ଡଳୀର ଆଗଲପୁରଠାରେ କେତେ ଟଙ୍କା ବିନିମୟରେ କେତେ ଜମି ଜଳ ସେଚିତ କରିବା ଲକ୍ଷ୍ୟ ନେଇ Mega Lift Point ତିଆରି ହୋଇଅଛି, କାର୍ଯ୍ୟକ୍ଷମ ହେବା ଦିନଠାରୁ ଖରିଫ ଓ ରବି ଋତୁରେ କେତେ ଜମି ଜଳସେଚିତ ହୋଇପାରୁଛି ବର୍ଷୱାରୀ ତଥ୍ୟ ଦେବେକି, (ଖ) ଏହି Mega Lift Pointର construction ରେ technical defect ଯୋଗୁଁ Mega Lift Point ପାଇଁ ପର୍ଯ୍ୟାପ୍ତ ପରିମାଣର Water source ର ଅଭାବ ଯୋଗୁଁ ବସ୍ତୁତଃ ଏହି Mega Lift Point ଅଚଳ ଅବସ୍ଥାକୁ ଚାଲିଆସିଥିବା ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରି ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଅଙ୍ଗ ନଦୀରେ ଏକ check dam ତିଆରି କରି Mega Lift Point କୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନେବେକି?

## ବିଧାୟକମାନଙ୍କ ଦ୍ୱାରା ସୁପାରିଶ ହୋଇଥିବା ପ୍ରକଳ୍ପ ସୁପାରିଶ

***୧୭୮ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଯୋଜନା ଓ ସଂଯୋଜନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) WODC 2019-2020, 2020-2021 ରେ ବିଧାୟକମାନଙ୍କ ଦ୍ୱାରା ମୋଟ କେତେ ପ୍ରକଳ୍ପ ସୁପାରିଶ କରିଛନ୍ତି ଏବଂ Diversion Project, Interest Money ର ମୋଟ project ସୁପାରିଶ କରିଛନ୍ତି ଏହାର ବ୍ଲକୱାରୀ ଗୋଟିଏ ତାଲିକା ପ୍ରଦାନ କରିବେକି, (ଖ) WODC ରେ ବିଧାୟକମାନଙ୍କ ଦ୍ୱାରା ସୁପାରିସ ପ୍ରକଳ୍ପ ମାନଙ୍କୁ ପ୍ରାଥମିକତା ନଦେଇ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଦୁର୍ନୀତି କରି ଅନ୍ୟାନ୍ୟ ପ୍ରକଳ୍ପକୁ ଭର୍ତ୍ତି କରି ତାକୁ approve

କରୁଥିବା କଥା ସରକାର ଜାଣନ୍ତିକି, ଏବଂ କେଉଁ ସମୟସୀମା ଭିତରେ କଂଟାବାଞ୍ଜି ବିଧାୟକ ସହ ସମସ୍ତ ବିଧାୟକ ସୁପାରିଶ କରିଥିବା Diversion of Project, Interest Money ସମସ୍ତ ପ୍ରକାର ପ୍ରକଳ୍ପକୁ WODC ଅନୁମୋଦନ ଦେବେକି?

**Sanction of amount Rs.30.00 lakh of Panchupali Pragana**

***179 . Shri Ramesh Chandra Behera :** Will the minister for Tourism be pleased to state that :- whether the Govt. have aware about the sanction of Rs.30.00 lakh each for improvement of Panchupali Pragana, Gania block and Panchupandab Pitha, Nuagaon during the year 2017-18, if so will the Govt. release the earlier sanctioned amount for development of both tourist places ?

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାର୍ଯ୍ୟ**

***୧୮୦ . ଶ୍ରୀ ସନାତନ ବିଜୁଳି :** ଜଳ ସମ୍ପଦ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଆଜକୁ ଦୀର୍ଘ ୩୦ବର୍ଷ ଧରି ଚାଲିଅଛି ଏବଂ କେତେ ମୁଖ୍ୟ କେନାଲ ଓ ଉପ କେନାଲର ନିର୍ମାଣ କାର୍ଯ୍ୟ ବାକି ରହିଛି ଓ ତାହା କେବେ ସୁଦ୍ଧା ସରିବାର ଯୋଜନା ରଖାଯାଇଛି; ଝାଡଖଣ୍ଡ ରାଜ୍ୟରେ ବାକିଥିବା ନିର୍ମାଣ କାର୍ଯ୍ୟ ସରିଯାଇଥିବା ବେଳେ ବଡସାହି ନିର୍ବାଚନ ମଣ୍ଡଳୀରେ ଥିବା ବେତନଟୀ ବ୍ଲକ୍ ଓ ବଡସାହି ବ୍ଲକରେ ବାକିଥିବା ନିର୍ମାଣ କାର୍ଯ୍ୟ କେବେ ସୁଦ୍ଧା ସରିବ ଏବଂ ଚାଷୀମାନେ କେନାଲ ମାଧ୍ୟମରେ ପାଣି ନେଇ ଚାଷ କରିବାର ସୌଭାଗ୍ୟ ପାଇବେ ଏହାର ସଂପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବେ କି ?

**Designed By National Informatics Centre, Odisha.**